# NATIONAL NEWS BULLETIN (ODIA)
## 22 November - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ବିଶ୍ୱ ଅର୍ଥନୈତିକ କ୍ଷେତ୍ର ଏବଂ ଅଭିବୃଦ୍ଧିକୁ ଦୀର୍ଘ ସମୟ ଧରି ଜି-୨୦ ସହଯୋଗ ପ୍ରଦାନ କରି ଆସିଛି, କହିଲେ ପ୍ରଧାନମନ୍ତ୍ରୀ ।

– ସମ୍ମିଳନୀ ପରିପ୍ରେକ୍ଷୀରେ ବିଭିନ୍ନ ଦେଶର ନେତୃବୃନ୍ଦଙ୍କ ସହ କଲେ ଆଲୋଚନା ।

- ଦେଶରେ କାର୍ଯ୍ୟକାରୀ ହୋଇଥିବା ନୂତନ ଚାରୋଟି ଶ୍ରମ ସଂହିତାକୁ ସ୍ୱାଗତ କଲେ ଆନ୍ତର୍ଜାତିକ ପ୍ରମୁଖ ସଂଗଠନ ।
- ତେଲଙ୍ଗାନାର ହାଇଦ୍ରାବାଦ୍‌ଠାରେ ଆତ୍ମସମର୍ପଣ କଲେ ୩୭ ଜଣ ମାଓବାଦୀ ।
- ଭିଏତ୍‌ନାମ୍‌ରେ ପ୍ରବଳ ବର୍ଷା ଜନିତ ବନ୍ୟା ପରିସ୍ଥିତିରେ ମୃତ୍ୟୁ ସଂଖ୍ୟା ୫୫କୁ ବୃଦ୍ଧି ।

ଏବଂ

- ଗୁଆହାଟୀ ଟେଷ୍ଟର ଆଜି ପ୍ରଥମଦିନ ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ୬ ଓ୍ୱିକେଟ୍ ବିନିମୟରେ ସଂଗ୍ରହ କରିଛି ୨୪୭ରନ୍ ।

# ପିଏମ୍-ଆଡ୍ରେସ୍ ଜି-୨୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଶ୍ୱର ବିକାଶ କ୍ଷେତ୍ର ଗୁଡ଼ିକ ଉପରେ ପୁନଃ ବିଚାରବିମର୍ଶ କରିବାର ଆବଶ୍ୟକତା ରହିଛି । ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଆଜି ଜି-୨୦ ଶିଖର ସମ୍ମିଳନୀର ପ୍ରଥମ ଅଧିବେଶନକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱ ଅର୍ଥନୈତିକ କ୍ଷେତ୍ର ଏବଂ ଅଭିବୃଦ୍ଧିକୁ ଜି-୨୦ ଦୀର୍ଘ ସମୟ ଧରି ସହଯୋଗ ପ୍ରଦାନ କରିଆସିଛି । ତେବେ ବିଶ୍ୱ ସ୍ତରରେ କାର୍ଯ୍ୟକାରୀ ହୋଇଥିବା କେତେକ ବ୍ୟବସ୍ଥା ଜନସଂଖ୍ୟାର ଏକ ବଡ଼ ଭାଗକୁ ସମ୍ବଳରୁ ବଞ୍ଚିତ କରିବା ସହିତ ପ୍ରାକୃତିକ ପରିବେଶ ଆହ୍ୱାନ ଗୁଡ଼ିକୁ ଅଧିକ ବ୍ୟାପକ କରିଛି ।

ଆଫ୍ରିକାରେ ଏହି ଆହ୍ୱାନ ଗୁଡ଼ିକର ପ୍ରଭାବ ବିଶେଷ ଭାବରେ ପରିଲକ୍ଷିତ ହେଉଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ଏହାର ସମାଧାନ ଦିଗରେ ନିଆଯାଇଥିବା କେତେକ ଐତିହାସିକ ନିଷ୍ପତ୍ତି ଏବେ ଗତିଶୀଳ ହେଉଥିବା ଜଣାପଡୁଛି । ପର୍ଯ୍ୟଟନ, ଖାଦ୍ୟ ସୁରକ୍ଷା, ଡିଜିଟାଲ୍ ଅର୍ଥନୀତି, ନବସୃଜନ, ଦକ୍ଷ ପ୍ରବାସୀ ଏବଂ ମହିଳା ସଶକ୍ତିକରଣ

କ୍ଷେତ୍ରରେ ଦକ୍ଷିଣ ଆଫ୍ରିକା ଗ୍ରହଣ କରିଥିବା ପଦକ୍ଷେପଗୁଡ଼ିକୁ ପ୍ରଧାନମନ୍ତ୍ରୀ ଉଚ୍ଚପ୍ରଶଂସା କରିଛନ୍ତି ।

ବୈଶ୍ୱିକ ସ୍ତରରେ ଦକ୍ଷିଣ ବିଶ୍ୱର ଅଧିକ ପ୍ରତିନିଧିତ୍ୱ ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । 'ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ' ଦୃଷ୍ଟିକୋଣ ଆଧାରରେ ପ୍ରଧାନମନ୍ତ୍ରୀ ତାଙ୍କ ମତ ଉପସ୍ଥାପନ କରିଛନ୍ତି । ଏକ ବିଶ୍ୱ ପାରମ୍ପରିକ ଜ୍ଞାନଭଣ୍ଡାର ପ୍ରତିଷ୍ଠା, ଆଫ୍ରିକା ଦକ୍ଷତା ମାନକ ପଦକ୍ଷେପ, ବିଶ୍ୱସ୍ତରରେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଦଳ ଗଠନ, ନିଶା ବିରୋଧୀ ପଦକ୍ଷେପକୁ ଅଧିକ ତ୍ୱରାନ୍ୱିତ କରିବା ଉପରେ ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ବିନାଶକାରୀ ଅର୍ଥନୀତିକୁ ମୁକାବିଲା କରିବା ଦିଗରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମିଳିମିଶି କାମ କରିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି । ପ୍ରଥମଥର ପାଇଁ ଜି-୨୦ ସମ୍ମିଳନୀ ଆଫ୍ରିକାରେ ଅନୁଷ୍ଠିତ ହେଉଛି ।

# ପିଏମ୍-ମିଟ୍

ଜି-୨୦ ଶିଖର ସମ୍ମିଳନୀ ଅବସରରେ ଜୋହାନ୍ସବର୍ଗଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର୍ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଶ୍ରୀ ଷ୍ଟାର୍ମର୍ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ

ନେଇ ଫଳପ୍ରଦ ଆଲୋଚନା ହୋଇଛି । ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କ ସହ ମଧ୍ୟ ସଫଳ ଆଲୋଚନା ହୋଇଥିବା ନେଇ ଶ୍ରୀ ମୋଦୀ ସୂଚନା ଦେଇଛନ୍ତି ।

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲ୍‌ବାନିଜ୍ ଏବଂ କାନାଡ଼ା ପ୍ରଧାନମନ୍ତ୍ରୀ ମାଇକ୍ କାର୍ନିଙ୍କ ସହ ପ୍ରଧାନମନ୍ତ୍ରୀ ବୈଠକରେ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ଅଷ୍ଟ୍ରେଲିଆ-କାନାଡ଼ା-ଭାରତ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ସହଭାଗିତା ନେଇ ଉଭୟ ଦେଶ ସହମତ ହୋଇଥିବା କହିଛନ୍ତି । ଏଭଳି ପଦକ୍ଷେପ ଯୋଗାଣ ଶୃଙ୍ଖଳରେ ବିବିଧତା, ସ୍ୱଚ୍ଛ ଶକ୍ତି ଏବଂ କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ବ୍ୟବହାରକୁ ସମର୍ଥନ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

## ଲେବର୍ କୋଡସ୍-ରିଆକ୍ସ

ଆନ୍ତର୍ଜାତିକ ଶ୍ରମ ସଂଗଠନ ଏବଂ ଆନ୍ତର୍ଜାତିକ ସାମାଜିକ ସୁରକ୍ଷା ସଂଘ ଭଳି ପ୍ରମୁଖ ସଂଗଠନଗୁଡ଼ିକ ଦେଶରେ ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ଚାରୋଟି ଶ୍ରମ ସଂହିତାକୁ ସ୍ୱାଗତ କରିଛନ୍ତି । ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବା, ସର୍ବନିମ୍ନ ମଜୁରୀ ପ୍ରଦାନ ଢାଞ୍ଚା ସୁ-ବ୍ୟବସ୍ଥିତ ହେବା ଏବଂ ପ୍ରତିଷ୍ଠାନଗତ ଦକ୍ଷତା ବୃଦ୍ଧି ଦିଗରେ ଏହି ସଂହିତାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ସେମାନେ କହିଛନ୍ତି ।

ଅନ୍ତର୍ଭୁକ୍ତି ଏବଂ ଆଧୁନିକ ଶ୍ରମ ବ୍ୟବସ୍ଥା କ୍ଷେତ୍ରରେ ଭାରତର ଏଭଳି ପଦକ୍ଷେପ ଉଲ୍ଲେଖନୀୟ । ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ କହିଛି, ଏହି ଆନ୍ତର୍ଜାତିକ ସଂଗଠନ ଗୁଡ଼ିକର ମତାମତ ବିଶ୍ୱ ଶ୍ରମ ଓ ସାମାଜିକ ସୁରକ୍ଷା ମାନଦଣ୍ଡ ହାସଲ କରିବା ନେଇ ଭାରତର ବ୍ୟାପକ ସଂସ୍କାର କ୍ଷେତ୍ର ଉପରେ ଗୁରୁତ୍ୱ ପ୍ରଦାନ କରୁଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଆନ୍ତର୍ଜାତିକ ଶ୍ରମ ସଂଗଠନର ମହାନିର୍ଦ୍ଦେଶକ କହିଛନ୍ତି, ଶ୍ରମ କ୍ଷେତ୍ରରେ ଏଭଳି ସଂସ୍କାରମୂଳକ ପଦକ୍ଷେପ ଶ୍ରମ ଗୋଷ୍ଠୀ ଏବଂ ବ୍ୟବସାୟୀଙ୍କ ପାଇଁ ସକାରାତ୍ମକ ମାର୍ଗ ଉନ୍ମୁକ୍ତ କରିବ । ଆନ୍ତର୍ଜାତିକ ସାମାଜିକ ସୁରକ୍ଷା ସଂଘ କହିଛି, ଏହି ସଂହିତାଗୁଡ଼ିକ ଦୃଢ଼ ଏବଂ ଅଧିକ ଅନ୍ତର୍ଭୁକ୍ତି ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହନ ପ୍ରଦାନ କରିବ ।

## ହଜ୍-କମିଟି

ହଜ୍ ୨୦୨୬ ପାଇଁ ଆଜି ମୁମ୍ବାଇ ଠାରେ ହଜ୍ କମିଟିର ବୈଠକ ଅନୁଷ୍ଠିତ ହୋଇଛି । ଭାରତୀୟ ତୀର୍ଥଯାତ୍ରୀଙ୍କ ଯାତାୟତକୁ ଅଧିକ ସୁଗମ ତଥା ସହଜ କରିବା ନେଇ ବୈଠକରେ ଆଲୋଚନା ହୋଇଛି । ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ସଚିବ ଡକ୍ଟର ଚନ୍ଦ୍ରଶେଖର କୁମାର ଏହି ଆଲୋଚନା ବୈଠକକୁ ସମ୍ବୋଧନ କରି ହଜ୍ ଯାତ୍ରୀଙ୍କ ବକେୟା ପାଉଣାର

୭୫ ପ୍ରତିଶତ ତୁରନ୍ତ ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି । ବାକି ୨୫ ପ୍ରତିଶତ ଯାଞ୍ଚ ପରେ ପ୍ରଦାନ କରିବାକୁ ସେ କମିଟିକୁ କହିଛନ୍ତି ।

ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଏବଂ ଭାରତୀୟ ହଜ୍ କମିଟି ମିଳିତ ଭାବେ ଭାରତୀୟ ତୀର୍ଥ ଯାତ୍ରୀଙ୍କ ସୁରକ୍ଷିତ, ସୁସଂଗଠିତ ହଜ୍ ଯାତ୍ରାକୁ ସୁନିଶ୍ଚିତ କରିବା ନେଇ ପଦକ୍ଷେପ ଗ୍ରହଣ କରୁଛନ୍ତି ।

## ତେଲଙ୍ଗାନା–୩୭ ମାଓଇଷ୍ଟ ସରେଣ୍ଡର

ତେଲଙ୍ଗାନାର ହାଇଦ୍ରାବାଦ୍ ଠାରେ ନିଷିଦ୍ଧ ସି.ପି.ଆଇ. ମାଓବାଦୀ ଗୋଷ୍ଠୀର ୩୭ ଜଣ ସଦସ୍ୟ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ ତିନି ଜଣ ବରିଷ୍ଠ ରାଜ୍ୟ କମିଟି ସଦସ୍ୟ ଅଛନ୍ତି । ତେଲଙ୍ଗାନା ପୁଲିସ୍ ମହାନିର୍ଦ୍ଦେଶକ ବି. ଶିବଧର ରେଡ୍ଡୀଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଥିବା ଏହି ମାଓବାଦୀଙ୍କ ମଧ୍ୟରେ ୨୫ ଜଣ ମହିଳା ସଦସ୍ୟ ଅନ୍ତର୍ଭୁକ୍ତ । ଗୋଟିଏ ଏ.କେ.-୪୭ ସହିତ ୮ଟି ବନ୍ଧୁକ ଏବଂ କିଛି ଅଫୁଟା ଗୁଳି ସେମାନେ ଦାଖଲ କରିଛନ୍ତି । ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ରେଡ୍ଡୀ କହିଛନ୍ତି, ହିଂସା ପଥ ପରିତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତକୁ ଫେରି ଆସିବା ନେଇ ସରକାରଙ୍କ ଅନୁରୋଧ ପରିପ୍ରେକ୍ଷୀରେ ଏହି ମାଓବାଦୀମାନେ ପ୍ରଭାବିତ ହୋଇ ଆତ୍ମସମର୍ପଣ କରିଛନ୍ତି । ମାଓ କାର୍ଯ୍ୟକଳାପ ବିରୁଦ୍ଧରେ ନିରନ୍ତର କାର୍ଯ୍ୟାନୁଷ୍ଠାନ ଏବଂ ସେମାନଙ୍କ ମଧ୍ୟରେ

ଆଦର୍ଶଗତ ମତଭେଦ ଯୋଗୁଁ ମାଓ ସଂଗଠନ କ୍ରମଶଃ ଦୁର୍ବଳ ହେଉଛି ବୋଲି ଶ୍ରୀ ରେଡ୍ଡୀ କହିଛନ୍ତି ।

# ପିଆଇବି-ପାକ୍ଟ ଚେକ୍-ତେଜସ୍

ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମରେ ପାକିସ୍ତାନୀ ପ୍ରଚାର ସଂସ୍ଥା ପକ୍ଷରୁ ପ୍ରସାରିତ ହେଉଥିବା ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ୍ କେ.ଜେ.ଏସ୍. ଧିଲୋଁଙ୍କ ଭିଡ଼ିଓ ବାର୍ତ୍ତାକୁ ସରକାର ଖଣ୍ଡନ କରିଛନ୍ତି । ପିଆଇବିର ତଥ୍ୟ ଅନୁସନ୍ଧାନକାରୀ ବ୍ୟୁରୋ  ସତ୍ୟାସତ୍ୟ ସମୀକ୍ଷା ୟୁନିଟ୍ କହିଛି, ଶ୍ରୀ ଧିଲୋଁ ଏପରି କୌଣସି ବିବୃତ୍ତିରେ ଦେଇନାହାନ୍ତି । ପ୍ରସାରିତ ହେଉଥିବା ଏହି ଭିଡ଼ିଓଟି ତଥ୍ୟ ଭିତ୍ତିକ ନୁହେଁ ଏବଂ ଭାରତୀୟ ସଶସ୍ତ୍ର ବାହିନୀ ଉପରେ ବିଶ୍ୱାସକୁ ଦୁର୍ବଳ କରିବା ନେଇ ଅଭିପ୍ରେରିତ ।

ସମୀକ୍ଷା ପରେ ୟୁନିଟ୍ ପ୍ରକୃତ ଭିଡ଼ିଓର ଏକ ଲିଙ୍କ୍ ମଧ୍ୟ ପ୍ରଦାନ କରିଛି । କୃତ୍ରିମ ବୁଦ୍ଧିମତ୍ତା ଆଧାରରେ ଏଭଳି ମିଥ୍ୟା ଭିଡ଼ିଓ ପ୍ରସ୍ତୁତ କରାଯାଇଥିବା ଏହି ୟୁନିଟ୍ ସ୍ପଷ୍ଟ କରିଛି । ଏଭଳି ଭିଡ଼ିଓକୁ ବିଶ୍ୱାସ ନ କରିବାକୁ ପରାମର୍ଶ ଦିଆଯାଇଛି । ଏହି ଭିଡ଼ିଓ ବାର୍ତ୍ତାରେ ଶ୍ରୀ ଧିଲୋଁ ଦୁବାଇ ଏୟାର୍ ଶୋ’ରେ ତେଜସ୍ ଦୁର୍ଘଟଣା ପରିପ୍ରେକ୍ଷୀରେ ଲେଫ୍ଟନାଣ୍ଟ ଜେନେରାଲ୍ ଭି.କେ. ସିଂହ’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମାଲୋଚନା କରୁଥିବା ନେଇ ପ୍ରସାରଣ କରାଯାଇଛି ।

# ଭିଏତ୍‌ନାମ୍ ଫ୍ଲଡ୍ ଡେଥ୍‌ଟୋଲ୍

ଭିଏତ୍‌ନାମ୍‌ର କେନ୍ଦ୍ରୀୟ ଅଞ୍ଚଳରେ ପ୍ରବଳ ବର୍ଷା ଜନିତ ବନ୍ୟା ପରିସ୍ଥିତିରେ ମୃତ୍ୟୁ ସଂଖ୍ୟା ୫୫କୁ ବୃଦ୍ଧି ପାଇଛି । ଭିଏତ୍‌ନାମ୍‌ର ବିପର୍ଯ୍ୟୟ ଏବଂ ଡାଇକ୍ ପରିଚାଳନା କର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ ଏବେ ମଧ୍ୟ ୧୩ ଜଣ ନିଖୋଜ ଅଛନ୍ତି । ବନ୍ୟା ପ୍ରଭାବରେ ପ୍ରାୟ ୮୦ ହଜାର ହେକ୍ଟର ଧାନ ଫସଲକୁ ମିଶାଇ ଅନ୍ୟାନ୍ୟ ଫସଲ କ୍ଷତିଗ୍ରସ୍ତ ହୋଇଛି । ୩୨ ଲକ୍ଷରୁ ଅଧିକ କୁକୁଡ଼ା ଏବଂ ପଶୁଙ୍କର ମୃତ୍ୟୁ ହୋଇଥିବା ଆକଳନ କରାଯାଇଛି । ୨୮ ହଜାର ୪୦୦ରୁ ଅଧିକ ବାସଗୃହ ଜଳମଗ୍ନ ରହିଥିବା ବେଳେ ୯୪୬ଟି କ୍ଷତିଗ୍ରସ୍ତ ହୋଇଛି । କର୍ତ୍ତୃପକ୍ଷ କହିଛନ୍ତି, ପ୍ରାୟ ୩୫୮ ନିୟୁତ ଆମେରିକୀୟ ଡଲାର୍ ଆର୍ଥିକ କ୍ଷତି ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି । ଅଧିକାଂଶ ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ସେବା ପୁନରୁଦ୍ଧାର କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ୭୫ ହଜାର ପରିବାରଙ୍କ ପାଖରେ ବିଦ୍ୟୁତ୍ ଯୋଗାଯୋଗ ପହଞ୍ଚି ପାରି ନାହିଁ ବୋଲି କର୍ତ୍ତୃପକ୍ଷ କହିଛନ୍ତି ।

## ଗୋଆ ଆଇଏଫ୍ଏଫ୍ଆଇ

ଗୋଆରେ ଚାଲିଥିବା ୫୬ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ପରିପ୍ରେକ୍ଷୀରେ କେନ୍ଦ୍ରୀୟ ଯୋଗାଯୋଗ ସଂସ୍ଥା ପକ୍ଷରୁ ଦେଶର ୧୬ଟି ରାଜ୍ୟର ଲୋକକଳା ପ୍ରଦର୍ଶନ କରାଯାଉଛି । ଏଥିରେ ଅଂଶଗ୍ରହଣ କରିଥିବା କଳାକାରମାନେ ପାରମ୍ପରିକ ନୃତ୍ୟ ଏବଂ ସାଂସ୍କୃତିକ ଅଭିବ୍ୟକ୍ତି ପ୍ରଦର୍ଶନ କରୁଛନ୍ତି । ମହୋତ୍ସବରେ ଅଂଶଗ୍ରହଣ କରିଥିବା ଦେଶବିଦେଶର ନାଗରୀକଙ୍କୁ ଏହା ଭାରତର ସମୃଦ୍ଧ ଏବଂ ବିବିଧ ଐତିହ୍ୟ ଉପରେ ସୂଚନା ପ୍ରଦାନ କରୁଛି । ଆଜି ହିମାଚଳ ପ୍ରଦେଶ, ତାମିଲନାଡୁ ଏବଂ ଜାମ୍ମୁ କାଶ୍ମୀରର କଳାକାରମାନେ ଲୋକନୃତ୍ୟ ପରିବେଷଣ କରିଥିଲେ ।

## କ୍ରିକେଟ୍

ଗୁଆହାଟୀ ଟେଷ୍ଟରେ ଆଜିର ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ତାର ପ୍ରଥମ ଇନିଂସରେ ୬ ୱିକେଟ୍ ବିନିମୟରେ ୨୪୭ରନ୍ ସଂଗ୍ରହ କରିଛି । ବର୍ଷାପାରା କ୍ରିକେଟ୍ ଷ୍ଟାଡିୟମ୍ରେ ଆଜି ଆରମ୍ଭ ହୋଇଥିବା ଭାରତ-ଦକ୍ଷିଣ ଆଫ୍ରିକା ଚଳିତ ସିରିଜ୍ର ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତ ପକ୍ଷରୁ କୁଲଦୀପ ଯାଦବ ତିନୋଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଯଶପ୍ରୀତ ବୁମ୍ରା, ମହମ୍ମଦ ସିରାଜ୍ ଏବଂ

ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏଁ ୱିକେଟ୍ ହାସଲ କରିଛନ୍ତି । ବେକ ଆଘାତ ଜନିତ ଆହତ କାରଣରୁ ଶୁଭମିନ୍ ଗିଲ୍ ଏହି ଟେଷ୍ଟ ମ୍ୟାଚ୍ ଖେଳୁ ନାହାନ୍ତି । ରିଷଭ୍ ପନ୍ତୁଙ୍କ ଅଧିନାୟକତ୍ୱରେ ଭାରତ ଏହି ଟେଷ୍ଟ ମ୍ୟାଚ୍ ଖେଳୁଛି । କୋଲକାତାର ଇଡେନ୍‌ଗାର୍ଡେନ୍ସ ଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ୩୦ରନ୍‌ରେ ଭାରତକୁ ପରାସ୍ତ କରି ସିରିଜ୍‌ରେ ୧-୦ରେ ଆଗୁଆ ରହିଛି ।

## ୱିମେନ୍ସ ବ୍ଲାଇଣ୍ଡ କ୍ରିକେଟ୍

ଟି-ଟ୍ୱେଣ୍ଟି ମହିଳା ଦୃଷ୍ଟିହୀନ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ୍ ପର୍ଯ୍ୟାୟକୁ ଭାରତ ଉନ୍ନିତ ହୋଇଛି । କଲମ୍ବୋଠାରେ ଆଜି ଅନୁଷ୍ଠିତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ଭାରତ ୯ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ଭାରତ ଅଷ୍ଟ୍ରେଲିଆକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ଅଷ୍ଟ୍ରେଲିଆ ୯ ୱିକେଟ୍ ବିନିମୟରେ ୧୦୯ରନ୍ ସଂଗ୍ରହ କରିଥିଲା । ୧୧୦ ରନ୍‌ର ବିଜୟକୁ ଭାରତ ଗୋଟିଏ ୱିକେଟ୍ ବିନିମୟରେ ହାସଲ କରିପାରିଛି ।